# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**25 April – 2026**

## ସ୍ୱତନ୍ତ୍ର ଅଧିବେଶନ

ଓଡ଼ିଶା ବିଧାନସଭାର ସ୍ୱତନ୍ତ୍ର ଅଧିବେଶନ ଆସନ୍ତା ୩୦ ତାରିଖରେ ଅନୁଷ୍ଠିତ ହେବ। ଏହି ଦିନିକିଆ ଅଧିବେଶନରେ ଭାରତୀୟ ଗଣତନ୍ତ୍ରରେ ମହିଳାଙ୍କ ଯୋଗଦାନ ସମ୍ପର୍କରେ ଆଲୋଚନା କରାଯିବ । ସ୍ୱତନ୍ତ୍ର ଅଧିବେଶନ ନେଇ ଓଡ଼ିଶା ବିଧାନସଭା ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି ।

## ମୁଖ୍ୟମନ୍ତ୍ରୀ-ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ

ବିଶ୍ୱ ପ୍ରାଣୀ ଚିକିତ୍ସା ଦିବସ ଅବସରରେ ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଭୁବନେଶ୍ୱର ଲୋକସେବା ଭବନରେ ଅନୁଷ୍ଠିତ ହେବାକୁ ଥିବା ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେବେ ।ଏହି ଅବସରରେ ଶ୍ରୀ ମାଝୀ ୭୬ଟି ନୂତନ ପ୍ରାଣୀ ଚିକିତ୍ସାଳୟ ଗୃହ ଓ ୧୨ଟି ମତ୍ସ୍ୟସମ୍ପଦ ଭିତ୍ତିଭୂମି ପ୍ରକଳ୍ପର ଶୁଭାରମ୍ଭ କରିବେ । ଏହି ଅବସରରେ ୨୧୯ଟି ନୂତନ ପ୍ରାଣୀ ସମ୍ପଦ ଭିତ୍ତିଭୂମି ପ୍ରକଳ୍ପ ପାଇଁ ବୁଝାମଣାପତ୍ର ସ୍ୱାକ୍ଷରିତ ହେବ ।

## ମୁଖ୍ୟମନ୍ତ୍ରୀ-ଟେକ୍ସଟାଇଲ ପାର୍କ

ବଲାଙ୍ଗିର ଜିଲ୍ଲାରେ ଚିନିକଳ ଓ ଟେକ୍ସଟାଇଲ ପାର୍କ ପ୍ରତିଷ୍ଠା ହେବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘୋଷଣା କରିଛନ୍ତି ।

ବଲାଙ୍ଗିରରେ ରାଜ୍ୟସ୍ତରୀୟ ପଞ୍ଚାୟତିରାଜ ଦିବସ ପାଳନ ଅବସରରେ ମୁଖ୍ୟମନ୍ତ୍ରୀ ଅନ୍ତୋଦୟ ଗୃହ ଯୋଜନାରେ ୫୦ ହଜାରରୁ ଅଧିକ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ ଓ ପ୍ରଥମ କିସ୍ତି ରାଶି ପ୍ରଦାନର ଶୁଭାରମ୍ଭ କରିଛନ୍ତି । ଏହି ଅବସରରେ ଶ୍ରୀ ମାଝି ବଲାଙ୍ଗିର ଜିଲ୍ଲା ପାଇଁ ୫୮୦ କୋଟି ଟଙ୍କା ମୂଲ୍ୟର ୩୦୪ଟି ଉନ୍ନୟନ ପ୍ରକଳ୍ପର ମଧ୍ୟ ଶିଳାନ୍ୟାସ କରିଛନ୍ତି ।

**V/O**

# ପଞ୍ଚାୟତିରାଜ ଦିବସ

ନୟାଗଡ, ମାଲକାନଗିରି, କେନ୍ଦ୍ରାପଡା, ଗଞ୍ଜାମ, ସୁବର୍ଣ୍ଣପୁର, କନ୍ଧମାଳ, ନବରଙ୍ଗପୁର, ନୂଆପଡା ଓ ଭଦ୍ରକ ଜିଲ୍ଲାରେ ପଞ୍ଚାୟତିରାଜ ଦିବସ ଅବସରରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି ।

# ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକ

ଉପମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡ଼ା ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଅଧ୍ୟକ୍ଷତା କରିଛନ୍ତି । ବୈଠକରେ ସୁଭଦ୍ରା ଓ ଲକ୍ଷପତି ଦିଦି ଯୋଜନାର ସମୀକ୍ଷା କରି ଆସନ୍ତା ବର୍ଷ ସୁଦ୍ଧା ୩ଲକ୍ଷ ଲକ୍ଷପତି ଦିଦି ସୃଷ୍ଟି କରିବା ଯୋଜନା ରହିଥିବା ସେ କହିଛନ୍ତି । ଜିଲ୍ଲାର ୨୩ଟି ସ୍ଥଳୀକୁ ମାନ୍ୟତା ମିଳିଥିବାବେଳେ ଅନ୍ୟ ସ୍ଥାନ ଗୁଡ଼ିକୁ ପର୍ଯ୍ୟଟନସ୍ଥଳୀ ଭାବେ ମାନ୍ୟତାଦେବାକୁ ସର୍ଭେ ଚାଲିଥିବା ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା

କହିଛନ୍ତି । ଏହି ଅବସରରେ ସମ୍ପୂର୍ଣ୍ଣ ଶ୍ରୀ ମିଶନର ଶୁଭାରମ୍ଭ କରାଯାଇଛି । ଉପମୁଖ୍ୟମନ୍ତ୍ରୀ ଗୋପାଳପୁର ଓ ସୁନାପୁର ବେଳାଭୂମିର ଉନ୍ନତିକରଣ କାର୍ଯ୍ୟର ତଦାରଖ କରିବାର କାର୍ଯ୍ୟସୂଚୀ ରହିଛି।

# ଧର୍ମେନ୍ଦ୍ର ପ୍ରଧାନ

କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଦେବଗଡ ଜିଲ୍ଲା ଗସ୍ତ କରି କଲାଚନ୍ଦନ ଯାତ୍ରା ସମାରୋହରେ ଯୋଗ ଦେଇଛନ୍ତି । ଓଡ଼ିଆ ସଂସ୍କୃତି ଏବଂ ଆଧ୍ୟାତ୍ମିକ ଚେତନାର ଏକ ଜ୍ୱଳନ୍ତ ପ୍ରତୀକ ଭାବେ ଚ଼ଲା ଚନ୍ଦନଯାତ୍ରା ଶୃଙ୍ଖଳିତ ଜୀବନଶୈଳୀ ଓ ସାମାଜିକ ଏକତାର ବାର୍ତ୍ତା ଦେଇଥାଏ ବୋଲି ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ।

# ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା

ଜଗତ୍‌ସିଂହପୁର ଜିଲ୍ଲାର ପାରାଦ୍ୱୀପ ଓ ବଲାଙ୍ଗିରଠାରେ ୨ଟି ନୂତନ ସରକାରୀ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠା କରିବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି । ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ପକ୍ଷରୁ ଏ ସମ୍ପର୍କରେ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ନିଷ୍ପତ୍ତି ଅନୁଯାୟୀ ୨ଟି ନୂତନ ଶିକ୍ଷାନୁଷ୍ଠାନରେ ୪ଟି ବିଭାଗରେ ୪ ବର୍ଷିଆ ସ୍ନାତକ ପାଠପଢ଼ା ଆରମ୍ଭ ହେବ । ପ୍ରତି ବିଭାଗରେ ୬୦ଜଣ ଲେଖାଏଁ ଛାତ୍ରଛାତ୍ରୀଙ୍କୁ ନାମଲେଖା ପାଇଁ ସୁଯୋଗ ମିଳିବ ।

# ସମୀକ୍ଷା ବୈଠକ

ରାଜ୍ୟରେ ଥିବା ୪୧ଟି ରିଭିଜନାଲ କୋର୍ଟର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ରାଜସ୍ୱ ପର୍ଷଦ ସଦସ୍ୟ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ନିଷ୍ପତ୍ତି ଅନୁଯାୟୀ ପ୍ରିଜାଇଡିଂ ଅଧିକାରୀମାନଙ୍କୁ ସପ୍ତାହକୁ ଅତିକମ୍‌ରେ ୩ ଦିନ କୋର୍ଟ ଚଳାଇବା, ମାମଲା ଗୁଡ଼ିକର ଶୀଘ୍ର ସମାଧାନ କରିବା ଏବଂ ନିମ୍ନ ଅଦାଲତର କାର୍ଯ୍ୟକାରୀତା ରିପୋର୍ଟ ଉପସ୍ଥାପନ କରିବା ଲାଗି ନିର୍ଦ୍ଦେଶ ଦିଆଯାଇଛି ।

# ଧାନକିଣା

ବରଗଡ ଜିଲ୍ଲାରେ ଆସନ୍ତା ମାସ ୧୧ ତାରିଖରୁ ଚଳିତ ରବି ଋତୁ ପାଇଁ ଧାନକିଣା ଆରମ୍ଭ ହେବ। ଅତାବିରାଠାରେ ପ୍ରଥମେ ଧାନକିଣା ହେବ । ପର୍ଯ୍ୟାୟକ୍ରମେ ଜିଲ୍ଲାର ୧୮୩ଟି ମଣ୍ଡିରେ ଧାନ କ୍ରୟ ହେବ ବୋଲି ଜିଲ୍ଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକରୁ ସୂଚନା ମିଳିଛି।

କଳାହାଣ୍ଡି ଜିଲ୍ଲାରେ ଆସନ୍ତା ମାସ ୨୦ ତାରିଖରୁ ୯୩ଟି ଧାନକ୍ରୟ କେନ୍ଦ୍ର ଜରିଆରେ ଧାନସଂଗ୍ରହ କରାଯାଇଛି । ୫୬ହଜାର ୬୩୯ଜଣ ଚାଷୀ ଧାନ ବିକ୍ରି ପାଇଁ ପଞ୍ଜିକରଣ କରିଥିବା ଜଣାପଡିଛି ।

# ବିଶ୍ୱ ମ୍ୟାଲେରିଆ ଦିବସ

ମ୍ୟାଲେରିଆର ପ୍ରତିକାର ଓ ପ୍ରତିରୋଧ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଆଜି ବିଶ୍ୱ ମ୍ୟାଲେରିଆ ଦିବସ ପାଳନ କରାଯାଉଛି । ଚଳିତ ବର୍ଷ ଏହି ଦିବସର ବାର୍ତ୍ତା ରହିଛି 'ମ୍ୟାଲେରିଆର ମୂଳୋତ୍ପାଟନ ପାଇଁ ଦୃଢ଼ ସଂକଳ୍ପ : ବର୍ତ୍ତମାନ ଆମେ ପାରିବା, ବର୍ତ୍ତମାନ ଆମେ କରିପାରିବା' । ୨୦୦୮ ମସିହାରୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ପକ୍ଷରୁ ଏହି ଦିବସ ପାଳନ କରାଯାଉଛି । ମାଈ ଏନୋଫିଲିସ ମଶା କାମୁଡିବା ଦ୍ୱାରା ସାଧାରଣତଃ ମ୍ୟାଲେରିଆ ଜ୍ୱର ହୋଇଥାଏ ।

# ପାଣିପାଗ

ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି । ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ରର ସୂଚନା ଅନୁସାରେ ଗତକାଲି ୧୮ଟି ସହରର ତାପମାତ୍ରା ୪୦ ଡିଗ୍ରୀ ସେଲସିୟସ ଉପରେ ରହିଥିବା ଝାରସୁଗୁଡାଠାରେ ସର୍ବୋଚ୍ଚ ତାପମାତ୍ରା ୪୪ ଦଶମିକ ୮ଡିଗ୍ରୀ ସେଲସିୟସ ରେକର୍ଡ ହୋଇଥିଲା । ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ସରକାର ଆସନ୍ତା ସୋମବାରଠାରୁ ଜୁନ୍ ମାସ ୧୭ ତାରିଖ ପର୍ଯ୍ୟନ୍ତ ସ୍କୁଲ ଛୁଟି ଘୋଷଣା କରିଛନ୍ତି ।

# ଜିମ୍ନାଷ୍ଟିକ୍ ଚମ୍ପିଆନ୍‌ସିପ୍

ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆଜିଠାରୁ ୨୦୨୬-୨୭ କନିଷ୍ଠ ଓ ବରିଷ୍ଠ ଜାତୀୟ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ ଚମ୍ପିଆନ୍‌ସିପ୍ ଆରମ୍ଭ ହେବ । ଓଡ଼ିଶା

ଜିମ୍ନାଷ୍ଟିକ୍ ସଂଘ, ଭାରତୀୟ ଜିମ୍ନାଷ୍ଟିକ୍ ମହାସଂଘ ଏବଂ ରାଜ୍ୟ କ୍ରୀଡ଼ା ଓ ଯୁବସେବା ବିଭାଗ ସହଯୋଗରେ ହେବାକୁ ଥିବା ପ୍ରତିଯୋଗିତାରେ ୬୦୦ରୁ ଅଧିକ କ୍ରୀଡ଼ାବିତ୍ ଅଂଶଗ୍ରହଣ କରିବେ ।